# Akashvani, Sambalpur

## SAMBALPURI NEWS EVENING BULLETIN

## 19 May 2025- 7.02 pm- 7.12 pm.

*********************************************

୧- ଆଂଚଲିକ୍ ସ୍ତର୍‌ଥି ଆଏବା ଦିନେ ହେବା ମୁଖ୍ୟମନ୍ତ୍ରୀଙ୍କର୍ ଜନଶୁଣାଣି - କହେଲେ ମୁଖ୍ୟମନ୍ତ୍ରୀ ।

- ଭୁବ୍‌ନେଶ୍ୱର୍ ନ ୧ ହଜାର୍‌ନୁ ଅଏତ୍‌କା ଅଭିଯୋଗ୍‌ର ଶୁଣାଣି କରିକରି ବିଭାଗୀୟ ଅଧିକାରୀମାନ୍‌କୁ ସମାଧାନ୍ ଲାଗି ଦେଲେ ନିର୍ଦ୍ଦେଶ୍ ।

୨- ଦକ୍ଷିଣ ଏସିଆ ଶ୍ରମିକ୍ ସ୍ଥାନାନ୍ତର୍ ସମ୍ମିଳନୀଥି ଯୋଗ୍ ଦେବାର୍ ଲାଗି ୨ ଦିନିଆ ଭୂଟାନ୍ ଗସ୍ତଥି ଯାଇଛନ୍ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ।

୩- ସଂସ୍କୃତି ବିଭାଗ୍ ତର୍‌ଫୁ ଓଡ଼ିଆ ଚଳଚ୍ଚିତ୍ରର ସର୍ବାଙ୍ଗିନ୍ ବିକାଶ୍ ଲାଗି ହେଇଛେ ଗୁଟେ ସମୀକ୍ଷା ବୈଠକ୍ ।

ଆଉର୍

୪- ରାଜ୍ୟର୍ କେତେଟା ଜାଗା ନ କାଲ୍‌ବୈଶାଖୀର୍ ବଲେ ହେଇଛେ ବର୍ଷା ।

- ଆଏବା ୨୪ ଘଂଟା ଭିତ୍‌ରେ ଘଡ଼୍‌ଘଡ଼ି ସାଙ୍ଗେ ବର୍ଷା ନେଇକରି ୨୬ ଟା ଜିଲ୍ଲା ଲାଗି ସତର୍କ ସୂଚ୍‌ନା ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟର୍ ଗରିବ୍ ଅସହାୟ ଲୁକ୍‌କୁ ସାହାଜ୍ ଦେବାର୍ ସର୍‌କାର୍‌ଙ୍କର୍ ପ୍ରାଥମିକତା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ୟୁନିଟ୍-୨ ର କେପିଟାଲ୍ ନର୍ସରୀ ପାଶର୍ ପୁର୍‌ନା ସର୍‌କାରୀ ପ୍ରାଥମିକ ବିଦ୍ୟାଳୟ ନ ଲୁକ୍‌କର୍ ଅଭିଯୋଗ୍ ଶୁଣାଣି ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍, ଲୁକ୍‌କୁ ନିରନ୍ତର୍ ନ୍ୟାୟ ଦେବାର୍ ଲାଗି ଅଭିଯୋଗ୍ ଶୁଣାଣି ଶିବିର୍ ଜାରି ରହିଛେ । ଆଏବା ଦିନେ ଆଂଚଲିକ୍‌ସ୍ତର୍‌ଥି ମୁଖ୍ୟମନ୍ତ୍ରୀଙ୍କର୍ ଜନଶୁଣାଣି ହେବା । ସୂଚନା ଅନ୍‌ସାରେ ଆଏଜ୍ ମୁଖ୍ୟମନ୍ତ୍ରୀ ଆଉ ୬ ଝନ୍ ବରିଷ୍ଠ ମନ୍ତ୍ରୀ ପାଖାପାଖି ୧ ହଜାର୍ ଅଭିଯୋଗ୍ ଶୁଣାଣି କରିକରି ବିଭାଗୀୟ ମନ୍ତ୍ରୀ ଆଉ ସଚିବ ମାନ୍‌କୁ ସମାଧାନ୍ ଲାଗି ନିର୍ଦ୍ଦେଶ୍ ଦେଇଛନ୍ । ସିଙ୍ଗଲ୍ ଓ୍ୱିଣ୍ଡୋ ସିଷ୍ଟମ୍ ଜରିଏ ୧୪ ଝନ୍‌କୁ ୧୩ ଲାଖ୍ ୫୦ ହଜାର୍ ଟଙ୍କାର୍ ସାହାଜ୍ ଦିଆଯାଇଛେ । ସେନ୍ତା ମୁଖ୍ୟମନ୍ତ୍ରୀଙ୍କର୍ ରିଲିଫ୍ ପାଣ୍ଠିନୁ ଭିଲ୍ ଚିକିତ୍ସା ସାହାଜ୍ ଯୁଗେଇ ଦିଆଯାଇଛେ ।

ଉପମୁଖ୍ୟମନ୍ତ୍ରୀ ଭୂଟାନ୍ ଗସ୍ତ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ବିଶ୍ୱବେଙ୍କ୍ ତର୍‌ଫୁ ଆଏବା କାଏଲ୍ ଆଉ ୨୧ ତାରିଖ୍ ଦୁଇ ଦିନ୍ ଧରିକରି ଭୁଟାନ୍‌ର ଥିମ୍ପୁ ନ ଦକ୍ଷିଣ ଏସିଆ ଶ୍ରମିକ୍‌ମାନ୍‌କର୍

ସ୍ଥାନାନ୍ତରଣ୍ ସମ୍ପର୍କିତ ସମ୍ମିଲନୀ ହେବା । ଇଥ୍ ଯୋଗ୍ ଦେବାର୍ ଲାଗି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂଦେଓ ଭୂଟାନ୍ ଗସ୍ତଥି ଯାଇଛନ୍ । ଭାରତ୍ ତର୍‌ଫୁ ଶ୍ରୀ ସିଂହଦେଓ ସମ୍ମିଲନୀଥି ପ୍ରତିନିଧିତ୍ୱ କର୍‌ବେ । ରାଜ୍ୟର୍ ଦାଦନ୍ ଶ୍ରମିକ୍ ବିସ୍ଥାପନ୍ ଟାସ୍କଫୋର୍ସର ଅଧକ୍ଷ ହିସାବେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଦାୟିତ୍ୱ ତୁଲଉଛନ୍ । ଦାଦନ୍ ଶ୍ରମିକ୍ ବାଗିର୍ ସମସ୍ୟାର୍ ସ୍ଥାୟୀ ସମାଧାନ୍ ର ବାଟ୍ ଆଉ ନୀତି ନିର୍ଦ୍ଧାରଣ୍ କର୍‌ବାର୍‌ଥି ଇ ସମ୍ମିଲନୀ ସାହାଜ୍ କର୍‌ବା । ଭୂଟାନ୍, ମଧ୍ୟପ୍ରାଚ୍ୟ ଦେଶ୍, ଉତର୍ ଆଫ୍ରିକା, ଇଟାଲୀ, ଅଷ୍ଟ୍ରେଲିଆ, ଆରବ୍ ଦେଶ୍, ଫିଲିପାଇନ୍ସ, ପପୁଆ ନିଉଗିନି, ମାଲ୍‌ଦୀପ୍, ଶ୍ରୀଲଙ୍କା, ନେପାଲ୍, ଜମାଇକା ଆର୍ ବାଂଲାଦେଶ୍ ପ୍ରମୁଖ ବିଶ୍ୱ ବେଙ୍କ୍‌ର ପ୍ରତିନିଧି ଇ ସମ୍ମିଲନୀଥି ଯୋଗ୍ ଦେବେ । ଉପମୁଖ୍ୟମନ୍ତ୍ରୀଙ୍କର୍ ସହେତେ ବିଭାଗୀୟ ପ୍ରମୁଖ ଶାସନ୍ ସଚିବ ଚିତ୍ରା ଅରୁମୁଗମ୍ ଭୂଟାନ୍ ଗସ୍ତଥି ଯାଇଛନ୍ ।

ଗଣଶିକ୍ଷା ମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶିକ୍ଷା କ୍ଷେତ୍ରଥି ସଂସ୍କାର୍ ଆନ୍‌ବାର୍ ଲକ୍ଷ୍ୟ ନେଇକରି ସର୍‌କାର୍ ବହୁତ୍‌ଟେ ଯୋଜ୍‌ନା ହାତ୍‌କେ ନେଇଛନ୍ ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ଜାତୀୟ ଶିକ୍ଷା ନୀତି, ଶିଶୁ ବାଟିକା ମୁଲ୍, ପିଏମ୍‌ଶ୍ରୀ ବିଦ୍ୟାଳୟ,

୧୬ ହଜାର୍ ଶିକ୍ଷକ୍ ନିଯୁକ୍ତି ଆର୍ ମାଧୋ ସିଂ ହାତଖର୍ଚ୍ଚ ଯୋଜ୍ନା ବାଗିର୍ ବହୁତ୍‌ଟେ ବ୍ୟବସ୍ଥା ସର୍‌କାର୍ ରାଏଜେ ଲାଗୁ କରିଛନ୍ । ରାଏଜେ ଆହୁରି ୩ ଶହ ପିଏମ୍‌ଶ୍ରୀ ସ୍କୁଲ୍ ଖୁଲାଯିବା ବଲି ମନ୍ତ୍ରୀ ସୂଚ୍‌ନା ଦେଇଛନ୍ । ରାଜ୍ୟ ସର୍‌କାର୍‌ଙ୍କର୍ ଏକ୍ ବଛର୍ ପୂର୍ତି ପାଲନ୍ ଅବ୍‌ସରେ ବିଭାଗ୍ ତର୍‌ଫୁ ରିପୋର୍ଟ କାର୍ଡ଼ ଉପସ୍ଥାପନ୍ କରାଯିବା ।

(ଭଏସ୍ ଓଭର୍-ନିତ୍ୟାନନ୍ଦ ଗଣ୍ଡ)

ବାଂଲାଦେଶୀ ଚିହ୍ନଟ ହି.ସ.

ଭୁବ୍‌ନେଶ୍ୱର୍ ନ ବାଂଲାଦେଶ୍ ଅନୁପ୍ରବେଶ୍‌କାରୀ ମାନ୍‌କର୍ ଚିହ୍ନଟ୍ ପ୍ରକ୍ରିୟା ମୁଲ୍ ହେଇଛେ । କମିଶନରେଟ୍ ପୁଲିସ୍ ତର୍‌ଫୁ ଇ ବାବ୍‌ଦେ ସବୁ ଥାନାମାନ୍‌କୁ ଜନେଇ ଦିଆଯାଇଛେ ବଲି ଡିସିପି ଜଗମୋହନ୍ ମୀନା କହିଛନ୍ । ଭୁବ୍‌ନେଶ୍ୱର୍ ଠାନେ ହେଇଥିବା ଗୁଟେ ବୈଠକ୍‌ଥି ଥାନା ଅଧିକାରୀମାନ୍‌କର୍ ସାଙ୍ଗେ ଚିହ୍ନଟ୍ ପ୍ରକ୍ରିୟାକେ ନେଇକରି ବିସ୍ତୃତ୍ ଆଲୋଚନା ହେଇଛେ ।

ବସୁନ୍ଧରା ଯୋଜ୍ନା ଆର୍‌ଏନ୍‌ୟୁ/ କଟକ୍

ରାଏଜେ ୪ ଡିସ୍‌ମିଲ୍‌ନୁ କମ୍ ଜମି ଥିବା ଲୁକ୍‌କୁ ଭୂମିହୀନ ହିସାବେ ଗନାଯିବା ବଲି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ

କହିଛନ୍ । ଆଏବା ଦିନେ ସେମାନ୍‌କୁ ଚିହ୍ନଟ୍ କରାଯାଇକରି ତାଲିକା ତିଆର୍ କରାଯିବା । ଚିହ୍ନଟ୍ ଭୂମିହୀନଙ୍କୁ ବସୁନ୍ଧରା ଯୋଜ୍‌ନାଥି଼ ଜମି ପଟ୍ଟା ଦିଆଯିବା । ଇ ବାବ୍‌ଦେ ସବୁ ଜିଲ୍ଲାପାଲ୍‌ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ଏନ୍‌ଆଇଏ ର ଥାନା ଆର୍‌ଏନ୍‌ୟୁ/ କଟକ

ଜାତୀୟ ସୁରକ୍ଷାକେ ନଜର୍‌ଥି଼ ରଖି଼କରି ଓଡ଼ିଶା ନ ଜାତୀୟ ତଦନ୍ତକାରୀ ସଂସ୍ଥା -ଏନ୍‌ଆଇଏ ର ଥାନା ଖୁଲ୍‌ବା । ରାଜ୍ୟ ସର୍‌କାର୍ ଏନ୍‌ଆଇଏ ଥାନା ଥାପ୍‌ନା ଲାଗି ଭୁବ୍‌ନେଶ୍ୱର୍ ବାଣୀବିହାର୍ ପାଶର୍ ଭିଏସ୍‌ଏସ୍ ନଗର୍ ଠାନେ ଠାନ୍ ଯୁଗେଇ ଦେଇଛନ୍ । ଏନ୍‌ଆଇଏ ଥାନା ଖୁଲାଯିବାର୍ ବାବ୍‌ଦେ ଗୃହ ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ଭାରତୀୟ ନାଗରିକ୍ ସୁରକ୍ଷା ସଂହିତା ଅନ୍‌ସାରେ ରାଜ୍ୟ ସର୍‌କାର୍ ଥାନା ଥାପ୍‌ନା ଲାଗି ପଦକ୍ଷେପ୍ ନେଇଛନ୍ । ଝନେ ଏସ୍.ପି. ପାହ୍ୟାର୍ ଅଧି଼କାରୀ ଏନ୍‌ଆଇଏ ଥାନାର୍ ମୁଖ୍ୟ ଭାବେ କାମ୍ କର୍‌ବେ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୫ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୨ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ଼୍ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ଼୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ନିଜର୍ ମତାମତ୍ ଆଏବା ୨୫ ତାରିଖ୍ ଭିତ୍‌ରେ ଦେଇପାର୍‌ବେ ।

ଓଡ଼ିଆ ଚଳଚ୍ଚିତ୍ର -ସଂସ୍କୃତି ବିଭାଗ୍ I&PR

ଓଡ଼ିଆ ଚଳଚ୍ଚିତ୍ର ଜଗତ୍‌ର ସର୍ବାଙ୍ଗିନ୍ ବିକାଶ୍ ଆଉ ତାର୍ ପ୍ରଚାର୍ ପ୍ରସାର୍ ଲାଗି ଓଡ଼ିଆ ଭାଷା ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ତର୍‌ଫୁ ଭୁବ୍‌ନେଶ୍ୱର୍‌ର ସଂସ୍କୃତି ଭବନ୍ ନ ଆଏଜ୍ ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ବିଶିଷ୍ଟ ଅଭିନେତା ଆଉ ଦିଗପହଣ୍ଡି ବିଧାୟକ୍ ସିଦ୍ଧାନ୍ତ ମହାପାତ୍ର ଅଧ୍ୟକ୍ଷତା କରିଥିଲେ । ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର୍ ପ୍ରଦାନ୍ ଆଉ ଚଳଚ୍ଚିତ୍ର ଜଗତ୍ ସାଙ୍ଗେ ଜୁଡ଼ି ହେଇଥିବା ପୁରସ୍କାର୍ ଟଙ୍କା ବଢ଼ାବାର୍, ଚଳଚ୍ଚିତ୍ର ପୁରସ୍କାର୍ ଲାଗି ସ୍ୱତନ୍ତ୍ର

ୱେବ୍‌ସାଇଟ୍ ବାଗିର୍ ଭିନ୍ ଭିନ୍ ପ୍ରସଙ୍ଗ ବାବ୍‌ଦେ ବୈଠକ୍‌ଥି ଆଲୋଚନା ହେଇଥିଲା । ଇତାର୍‌ସହେତେ ନୂଆଁ ଚଳଚ୍ଚିତ୍ର ନୀତି ତିଆର୍ କର୍‌ବାର୍ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ୍ ନିଗମ୍‌କେ ବର୍‌କସ୍ କର୍‌ବାର୍ ସହେତେ ଇତାର୍ କାମ୍‌କେ ସରଳ କର୍‌ବାର୍ ଆର୍ କଳିଙ୍ଗ ଷ୍ଟୁଡ଼ିଓର୍ ବିକାଶ୍ ବାବ୍‌ଦେ ଭିଲ୍ ଆଲୋଚନା କରାଯାଇଥିଲା ।

ପବିତ୍ର ଶ୍ରୀକ୍ଷେତ୍ର ଭଉଁରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ପବିତ୍ର ଶ୍ରୀକ୍ଷେତ୍ର ଭଉଁରୀ ଅବ୍‌ସରେ ଆଏଜ୍ ପୁରୀ ଶ୍ରୀମନ୍ଦିର୍‌ର ରଥଖଲା ନ ଚକଅଖ ଡେରା ନୀତି ହେଇଯାଇଛେ । ସକାଳ ଧୂପ ନୀତି ସର୍‌ବାର୍ ଉତ୍‌ରୁ ପଟୁଆର୍‌ଥି ଶ୍ରୀମନ୍ଦିର୍‌ନୁ ଆଜ୍ଞାମାଳ ବିଜେ ନୀତି ହେଇଥିଲା । ତାର୍ ଉତ୍‌ରୁ ଫିଁ’ ରଥର୍ ୨ ଟା ଚକଥି ଡେରା ଯାଇଥିବା ଅଖ ଖଞ୍ଜାଯାଇଥିଲା । ବିଧି ଆଉ ପରମ୍ପରା ଅନ୍‌ସାରେ ଆଏଜ୍ ରଥତିଆରିର୍ ଆଉ ଗୁଟେ ଖେପ୍ ସରିଛେ । ଶୃଙ୍ଖଲାର୍ ସହେତେ ରଥ ତିଆରି କାମ୍ ଜାରି ରହିଥିବାର୍ ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀ କହିଛନ୍ ।

(ଭଏସ୍ ଓଭର୍- ଅରବିନ୍ଦ ପାଢ଼ୀ)

ସେଆଡ଼େ ଆଏଜ୍ ଚନ୍ଦନ୍ ଯାତ୍ରାର୍ ଶେଷ୍ ଦିନ୍ ହେଇଥିବାର୍‌ନୁ ନରେନ୍ଦ୍ର ପୁଷ୍କରିଣୀ ନ ରାତ୍ରଚାପଥି ୨୧ ଘେରା ଜଳକ୍ରୀଡ଼ା ସହେତେ ଭଉଁରୀ ବିଧି କରାହେବା ।

ଡକ୍ଟର୍ ଭରତ୍ ଚନ୍ଦ୍ର ଦାସ୍ ହି.ସ.

ସମ୍ବଲ୍‌ପୁର୍‌ର ନାଁକରା ଚିକିତ୍ସକ ଆଉ ଆଘର୍ ଏଡିଏମ୍‌ଓ ଡକ୍ଟର୍ ଭରତ୍ ଚନ୍ଦ୍ର ଦାସ୍‌ଙ୍କର୍ ଆଏଜ୍ ସଖାଲେ ଗୁଟେ ସଡ଼କ୍ ଦୁର୍ଘଟଣାଥି ଜୀବନ୍ ଯାଇଛେ । ତାଙ୍କର୍ ବିୟୋଗ୍‌ଥି କେନ୍ଦ୍ରଶିକ୍ଷାମନ୍ତ୍ରୀ ଆଉ ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ଗଭୀର ଶୋକପ୍ରକାଶ୍ କର୍‌ବାର୍ ସହେତେ ପରିବାର୍ ଲୁକ୍‌କୁ ସମବେଦନା ଜନେଇଛନ୍ ।

ବଲାଙ୍ଗିର-ତ୍ରିରଙ୍ଗା ଶୋଭାଯାତ୍ରା ହି.ସ.

ଅପରେସନ୍ ସିନ୍ଦୁର୍‌ଥି ଭାରତୀୟ ସେନାର୍ ଅପୂର୍ବ ସଫଳତା ଲାଗି ବାବ୍‌ଦେ ସାରା ଦେଶେ ପାଲିତ୍ ହେଉଛେ ତ୍ରିରଙ୍ଗା ଶୋଭାଯାତ୍ରା । ବଲାଙ୍ଗିର୍ ଜିଲ୍ଲା ଲୋଇସିଂହା ନ ଗୁଟେ ବିଶାଲ୍ ତ୍ରିରଙ୍ଗା ଶୋଭାଯାତ୍ରା ହେଇଯାଇଛେ । ଲୁଇସିଂହା କଲେଜ୍ ସାମ୍ନାନୁ ଇ ଶୋଭାଯାତ୍ରା ବାହାରିକରି ସହର୍ ପରିକ୍ରମା କରିକରି ଅଗ୍ରସେନ ଭବନ୍ ନ ପୁହୁଁଚିଥିଲା । କାର୍ଯ୍ୟକ୍ରମ୍‌ଥି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଯୋଗ୍

ଦେଇକରି ଦେଶର୍ ବୀର ସେନାନୀମାନ୍‌କର୍ ସାଙ୍ଗେ ଦେଶର୍ ଶହେ ୪୦ କୋଟି ଜନତା ଅଛନ୍ ବଲି କହିଛନ୍ । ଶୋଭଯାତ୍ରାଥି ଏନ୍‌ସିସି କେଡ୍ଡେଟ୍, ଛାତ୍ରଛାତ୍ରୀ, ଜିଲ୍ଲା ପୁଲିସ୍ ବାହିନୀ ଆଉ ସ୍ୱେଚ୍ଛାସେବୀମାନେ ଯୋଗ୍ ଦେଇଥିଲେ ।

ଜନଅଭିଯୋଗ

ଶୁଣାଣି/ସମ୍ବଲପୁର/ନୂଆପଡ଼ା/ବୌଦ୍ଧ/ଦେବ୍‌ଗଡ଼୍

ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ୍‌ମାନେ ଜନ ଅଭିଯୋଗ୍ ଶୁଣାଣି କରିଛନ୍ ।

ସମ୍ବଲ୍‌ପୁର୍ ଜିଲ୍ଲା ଯୁଯୁମୁରା ବ୍ଲକ୍ କାର୍ଯ୍ୟାଳୟ ନ ହେଇଥିବା ଯୁଗ୍ମ ଅଭିଯୋଗ୍ ଶୁଣାଣି ଶିବିର୍‌ଥି ୬୫ ଟା ଅଭିଯୋଗ୍ ଆସିଥିଲା । ଅଭିଯୋଗ୍ ମାନ୍‌କର୍ ସମାଧାନ୍ ଲାଗି ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଥିଲା ।

ନୂଆପଡ଼ା ଜିଲ୍ଲା ବୋଡ଼େନ୍ ବ୍ଲକ୍ ସମିତି ସଭାଗୃହ ନ ହେଇଥିବା ଜନଶୁଣାଣି ଶିବିର୍‌ଥି ୫୨ ଟା ଅଭିଯୋଗ୍‌ର ଶୁଣାଣି ହେଇଥିଲା ।

ଦେବ୍‌ଗଡ଼୍ ଜିଲ୍ଲା ତିଲେଇବଣି ବ୍ଲକ୍ ସୁଗୁଡ଼ା ଗ୍ରାମ୍‌ପଂଚାୟତ୍ ସମ୍ମିଲନୀ କକ୍ଷ ନ ଯୁଗ୍ମ ଅଭିଯୋଗ୍ ଶୁଣାଣି ଶିବିର୍ ହେଇଯାଇଛେ । ଶିବିର୍‌ଥି ୪୫ ଟା ଅଭିଯୋଗ୍ ଆସିଥିବାର୍

ବେଲେ ସେସବୁର୍ ସମାଧାନ୍ ଲାଗି ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଥିଲା ।

ବୌଦ୍ଧ ଜିଲ୍ଲା କଂଟାମାଲ୍ ବ୍ଲକ୍ କାର୍ଯ୍ୟାଳୟ ଠାନେ ହେଇଥିବା ଜନଶୁଣାଣି ଶିବିର୍‌ଥି ୬୬ ଟା ଅଭିଯୋଗ୍ ଆସିଥିଲା । ସେଥିର୍‌ଭିତ୍‌ରୁ ୩୬ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା ବେଲେ ବାକି ଅଭିଯୋଗ୍‌ମାନ୍‌କର୍ ଜଲ୍‌ଦି ସମାଧାନ୍ କର୍‌ବାର୍ ଲାଗି ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ବିଦ୍ୟୁତ୍ ଯୋଗାଣ ବନ୍ଦ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ୍ ଲିମିଟେଡ୍- ଓପିଟିସିଏଲ୍ ତର୍‌ଫୁ ଶହେ ୩୨/୩୩ କେଭି ଲପଙ୍ଗା ଗ୍ରୀଡ୍‌ଷ୍ଟେସନ୍ ର ଦେଖ୍‌ରେଖ୍ କାମ୍ ଲାଗି ଆଏବା କାଏଲ୍ ସଖାଲର୍ ୬ ବଜେନୁ ୧୧ ବଜେତକ୍ ବିଦ୍ୟୁତ୍ ଯୋଗାଣ ବନ୍ଦ୍ ରହେବା । ସମ୍ବଲ୍‌ପୁର୍ ଜିଲ୍ଲା ଇଲାକାର୍ କତର୍‌ବଗା, ଗୁଲାମାଲ୍, ପଧାନ୍‌ପାଲି, ବାହ୍ମନୀପାଲି, ବାସୁପାଲି, ବଡ଼ମାଲ୍, ଲୁହାଖଣି, ଥରୁପାଲି, ଝାଙ୍କର୍‌ପାଲି, ସର୍ଗିପାଲି, ଲାଉମାଲ୍, ଖୁଂଟ୍‌ପାଲି, ମେଢ଼ାବାହାଲ୍ ଆର୍ କୁଟ୍‌ରୀମାଲ୍ ବାଗିର୍ ଜାଗାମାନ୍‌କେ ବିଦ୍ୟୁତ୍ ଯୋଗାଣ୍ ବନ୍ଦ୍ ରହେବା ।

ପାଣିପାଗ          ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଭିନ୍ ଭିନ୍ ଜାଗା ନ କାଲ୍‌ବୈଶାଖୀର୍ ବଲେ ବର୍ଷା ହେଇଯାଇଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ସୂଚ୍‌ନା ଅନ୍‌ସାରେ ଆଏବା ୫ ଦିନ୍‌ତକ୍ ରାଏଜେ କାଲ୍‌ବୈଶାଖୀର୍ ପ୍ରଭାବ୍ ଜାରି ରହେବା । ଇଥିର୍‌ଲାଗି ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍, କଲାହାଣ୍ଡି ସହେତେ ରାଜ୍ୟର୍ ୨୬ ଟା ଜିଲ୍ଲା ନ ଧୁକାଗର୍ଡ଼ି ସାଙ୍ଗେ ବର୍ଷାକେ ନେଇକରି ପାଣିପାଗ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।